# DAV PUBLIC SCHOOLS, BHUBANESWAR
## ANNUAL EXAMINATION, 2019-20
## CLASS – III
## SUBJECT – ODIA

Time Allowed : 2 hours | Maximum Marks: 50

ସାଧାରଣ ନିର୍ଦ୍ଦେଶାବଳୀ -

- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଦିଅ।
- ପ୍ରଶ୍ନପତ୍ରଟିରେ ସମୁଦାୟ ୪ ଟି ବିଭାଗ ଓ ୫ ଟି ମୁଦ୍ରିତ ପ୍ରଶ୍ନ ରହିଛି ।
- ବିଭାଗର ନାମ ଲେଖିବା ସହିତ ବାମ ପାର୍ଶ୍ୱରେ ପ୍ରଶ୍ନଗୁଡ଼ିକର କ୍ରମିକ ସଂଖ୍ୟା ଲେଖ।
- ସମସ୍ତ ଉତ୍ତର ଲେଖି ସାରିବା ପରେ ପୁନର୍ବାର ଯାଞ୍ଚ କର ।

### 'କ' ବିଭାଗ

୧. ଅନୁଚ୍ଛେଦଟି ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । [୫×୧=୫]

ପାହାଡ଼ ଉପରୁ କୁଳୁକୁଳୁ ଶବ୍ଦ କରି ବହି ଆସୁଥାଏ ଛୋଟ ଝରଣାଟିଏ। ଝରଣାର କୂଳେକୂଳେ ଝିଅଟିଏ ଯାଉଥିଲା। ତାକୁ ଶୋଷ ଲାଗିବାରୁ, ସେ ଝରଣାର ଜଳ ପାନ କଲା। ଝରଣାର ଜଳ ତାକୁ ଖୁବ୍ ମଧୁର ଲାଗିବାରୁ, ସେ ଝରଣାକୁ ପଚାରିଲା, "ହେ ଝରଣା, ତୁ ଏତେ ଛୋଟ, କିନ୍ତୁ ତୋ ଜଳ ଏତେ ମଧୁର କିପରି ? ସମୁଦ୍ର ଏତେ ବିଶାଳ, ଅଥଚ ତାର ଜଳ ଲୁଣିଆ କାହିଁକି ?" ବହିଯାଉଥିବା ଝରଣା ସମୟ ନଷ୍ଟ ନ କରି କହିଲା, "ଏ ପ୍ରଶ୍ନର ଉତ୍ତର ସାଗର ହିଁ ଦେଇପାରିବ।" ଝିଅଟି ଯାଇ ସାଗର ନିକଟରେ ପହଞ୍ଚି ତାକୁ ସେଇ ପ୍ରଶ୍ନ ପଚାରିଲା। ସାଗର କହିଲା "ଝରଣା ଛୋଟ ହେଲେ କ'ଣ ହେବ, ସେ ଯାହା ଗ୍ରହଣ କରେ ତାକୁ ଅନ୍ୟମାନଙ୍କ ମଧ୍ୟରେ ବାଣ୍ଟି ଦିଏ। ଅନ୍ୟମାନଙ୍କୁ ଦେବାପାଇଁ ସେ ଦିନରାତି ବହିଚାଲିଛି। ଏହି କାରଣରୁ ତା'ର ଜଳ ନିର୍ମଳ ଓ ମଧୁର। ମୋତେ ଦେଖ, ସମସ୍ତଙ୍କଠାରୁ ନେଇ ମୁଁ ମୋ ପାଖରେ ରଖିଦେଉଛି। କାହାକୁ କିଛି ବି ଫେରାଉ ନାହିଁ। ସେଥିପାଇଁ ମୋର ସଞ୍ଚିତ ଜଳ ଲୁଣିଆ।" ଦାନ କରିବା ଯେ ଏକ ମହତ ଗୁଣ, ଏ କଥା ଝିଅଟି ଶିକ୍ଷାଲାଭ କଲା।

ପ୍ରଶ୍ନ :- (କ) ଝିଅଟିକୁ ଶୋଷ ଲାଗିବାରୁ ସେ କଅଣ କଲା ?

(ଖ) ଝରଣାର ଜଳ କିପରି ଥିଲା ?

(ଗ) ସାଗର ଯାହା ଗ୍ରହଣ କରେ ତାକୁ କଅଣ କରେ ?

(ଘ) ଝିଅଟି କେଉଁ କଥା ଶିକ୍ଷା ଲାଭ କଲା ?

(ଙ) 'ପୁଅ' ଶବ୍ଦର ବିପରୀତ ଲିଙ୍ଗ ଶବ୍ଦଟିକୁ ଅନୁଚ୍ଛେଦରୁ ଖୋଜି ଲେଖ।

### 'ଖ' ବିଭାଗ

୨. ଯେ କୌଣସି ଗୋଟିଏ ବିଷୟରେ ଅନୁଚ୍ଛେଦ ଲେଖ । [୧×୫=୫]

ବ୍ୟାୟାମର ଉପକାରିତା

କିମ୍ବା

ବୃକ୍ଷ ଆମର ବନ୍ଧୁ



Scanned by CamScanner

## 'ଗ' ବିଭାଗ

୩. କ) 'କ' ସ୍ତମ୍ଭର ଶବ୍ଦ ସହ 'ଖ' ସ୍ତମ୍ଭର ସମ୍ପର୍କିତ ଶବ୍ଦକୁ ଯୋଗ କର । [୬×୦.୫=୩]

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ସୁନା | ଅବସ୍ଥା |
| ଭଗ୍ନ | ପଞ୍ଜୁରୀ |
| କରୁଣ | ମୂର୍ତ୍ତି |
| ପଥର | ଚାହାଣି |
| ଓଡ଼ିଆ | ପୁଚ୍ଛ |
| ମୟୂର | ନବୀନ |
| | ଭାଷା |

ଖ) ନିମ୍ନଲିଖିତ ଶବ୍ଦଗୁଡ଼ିକୁ ନୂଆ ରୂପରେ ଲେଖ । [୩×୧=୩]

i) ଉତ୍ସାହ ii) କଥା iii) ଉଦୟ

ଗ) ବନ୍ଧନୀ ମଧ୍ୟରୁ ଠିକ ପ୍ରତିଶବ୍ଦଟି ବାଛି ଲେଖ । [୩×୧=୩]

i) ପୃଥିବୀ – (ଶଶୀ, ରବି, ଜନନୀ, ବସୁଧା)

ii) ଶାସନ – (ରାଜା, ରାଜତ୍ୱ, ଶାସକ, ଶାସିତ)

iii) ବନ୍ଧୁ – (ଭ୍ରାତା, ମିତ, ମାତା, ଶତ୍ରୁ)

ଘ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଗଦ୍ୟରୂପ ଲେଖ । [୩×୧=୩]

i) ସରଗ ii) ଶକତି iii) ସଇନ

ଙ) ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖ । [୩×୧=୩]

i) ଆଦର ii) ସରଳ iii) ନିର୍ଦ୍ଧନ

ଚ) ଯେ କୌଣସି ୩ଟି ଯୋଡ଼ା ଶବ୍ଦ ଲେଖ । [୩×୧=୩]

ଛ) ବାକ୍ୟ ସଜାଡ଼ି ଲେଖ । [୨×୧=୨]

i) ଚନ୍ଦ୍ରଭାଗା, କୋଣାର୍କ ମନ୍ଦିର, ନଦୀ କୂଳରେ, ଯାଇଥିଲା, ତୋଳା

ii) ଭାରତ, ସମସ୍ତେ, ଆମେ, ମାତାର, ସନ୍ତାନ

## 'ଘ' ବିଭାଗ

୪. କ) ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର । [୨×୧=୨]

i) ଆମର ରାଷ୍ଟ୍ରଭାଷା _______ ଅଟେ ।

(ହିନ୍ଦୀ, ବଙ୍ଗଳା, ତେଲୁଗୁ, ଓଡ଼ିଆ)

ii) ବଣ ଅଦାଲତରେ _______ ବିରୋଧରେ ବିଚାର ବସିଥିଲା ।

(ହସ୍ତୀ, ମନୁଷ୍ୟ, ବାଘ, ଭଲୁକ)



Scanned by CamScanner

ଖ) ବାକ୍ୟଗଠନ କର। (ଯେ କୌଣସି ୨ ଟିର) [୨×୧=୨]

i) ଗୌରବ ii) ଯତ୍ନବାନ iii) ଦୁଃଖୀରଙ୍କି

ଗ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥ ଲେଖ। [୩×୧=୩]

i) ବିତରିବା ii) ରାଜସ୍ୱ iii) ବିପତ୍ତି

ଘ) କବିତା ପୂରଣ କର। [୬×୦.୫=୩]

ଦେଖିଲା କୁନା ମହୁଲ _______
ବସିଛି ଏକ _______,
_______ ଯେତେ ମହୁଲ ଫୁଲ
_______ କରେ ଗଣି।
ଡାକିଲା କୁନା କିଆଁଲୋ ବଣି
ଘଷୁଛୁ _______ ଡାଳେ ?
ଆ’ ମୋ ପାଶେ ଖାଇବୁ ଯେବେ
ମିଠା _______ ଫାଳେ।

ଙ) ଯେ କୌଣସି ୪ଟି ପ୍ରଶ୍ନର ଉତ୍ତର ଲେଖ। [୪×୨=୮]

i) ମରୁଡ଼ିବେଳେ ଲୋକେ କିପରି ଥାଆନ୍ତି ?

ii) ‘କେତେ ଆଦରରେ ଆଣିଲେ ଏଠାକୁ ମୋତେ’ – ଏହା କିଏ ଓ କାହାକୁ କହିଛି ?

iii) ‘ସାନ ସିନା ଦାନ ତା’ ମହାନ’ ବିଷୟରେ କାହାକୁ ସାନ ବୋଲି କୁହାଯାଇଛି ଓ ତା’ର ମହାନ ଦାନଟି କ’ଣ ?

iv) ବୀରକିଶୋର କାହିଁକି କବିତା ଲେଖୁଥିଲେ ?

v) ରାଜସ୍ଥାନର କେଉଁ କେଉଁ କଥା ଆମକୁ ନୂଆ ଲାଗେ ?

vi) ଗଛଠାରୁ ଆମେ କେଉଁ ବାଷ୍ପ ପାଉ ଓ ଏହା ଆମର କି କାମରେ ଲାଗେ ?

୫. ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ। [୧×୨=୨]

ଗରିବ ପିଲାଟି କାହାଠାରୁ ସାହାଯ୍ୟ ପାଇ ଫଳଦୋକାନଟିଏ କରିପାରିଥିଲା ? ତା’ର ସଫଳତାରୁ ତୁମେ କ’ଣ ଶିକ୍ଷାଲାଭ କଲ ?

କିମ୍ବା

ଟିକି ଫୁଲଟି କ’ଣ ବିତରିବାକୁ ଚାହୁଁଛି ? ତାହାର ଏହି ଗୁଣରୁ ତୁମେ କି ଶିକ୍ଷାଲାଭ କରୁଛ ?

*******



Scanned by CamScanner